DHARITRI.COM

Vol VII Issue No.239 Tuesday, 29 August 2006






previous || next

# ରାଜ୍ୟରେ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ସ୍ଥାପନ ଘୋଷଣା

Click to enlarge text: A A A A

ଭୁବନେଶ୍ୱର,୨୮।୮(ବ୍ୟୁରୋ)- ଓଡିଶାରେ ଏକ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ଏନଆଇଏସଇ ଆର)ସ୍ଥାପନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂ ଆଜି ଏଠାରେ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଦେଶର ଇତିହାସ, ସଂସ୍କୃତି ଏବଂ ଅର୍ଥନୀତିକୁ ଓଡିଶାର ଅବଦାନ ଅଦ୍ୱିତୀୟ ହୋଇଥିବାରୁ ଏଠାରେ ଏ ପ୍ରକାର ଏକ ପ୍ରତିଷ୍ଠାନ ସ୍ଥାପନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପରିସରରେ ଆରମ୍ଭ ହେବାକୁ ଯାଉଥିବା ଏହି ଜାତୀୟ ଅନୁଷ୍ଠାନ ଉପା ସରକାରଙ୍କ ଓଡିଶାର ବିକାଶ ପ୍ରତି ଥିବା ପ୍ରତିଶ୍ରୁତିର ଏକ ନମୁନା ହେବ । ଦେଶର ପ୍ରତ୍ୟେକ ଅଞ୍ଚଳରେ ଶିକ୍ଷାର ମାନ ସମାନ କରିବା ସହ ବିଜ୍ଞାନ ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଏହି ଅନୁଷ୍ଠାନ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି, ଏନଡିଏ ସରକାର ଅମଳରେ ଓଡିଶାରେ ଏକ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପନ କରାଯିବ ବୋଲି ଘୋଷଣା କରାଯାଇଥିଲା ।ମାତ୍ର ବର୍ତ୍ତମାନର ଉପା ସରକାର ଏହାକୁ ପଶ୍ଚିମବଙ୍ଗକୁ ଉଠାଇ ନେଇଥିବାରୁ ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇବାପାଇଁ ଉପା ସରକାର ଏଭଳି ଏକ ପଦକ୍ଷେପ ନେଇଛନ୍ତି ବୋଲି ଆଲୋଚନା ହେଉଛି ।

ଓଡିଶାକୁ ୨ଦିନିଆ ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ଆଜି ସ୍ଥାନୀୟ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନଠାରେ ଏକ ଉତ୍ସବରେ ଯୋଗଦେଇଥିଲେ । ମୁଖ୍ୟତଃ ଏନଆଇଏସଇ ଆର ସ୍ଥାପନ ଘୋଷଣା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥିଲା । ଏହି ଅନୁଷ୍ଠାନରେ ଦ୍ୱାଦଶ ଶ୍ରେଣୀ ଶିକ୍ଷା ପରେ ଛାତ୍ରୀଛାତ୍ରମାନଙ୍କୁ ୫ ବର୍ଷିଆ ଏମଏସସି ଶିକ୍ଷା ଦିଆଯିବ । ଏହାଛଡା ସ୍ନାତକ ପରେ ମଧ୍ୟ ସମନ୍ୱିତ ଏମଏସସି-ପିଏଚଡି ଶିକ୍ଷା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି । ଛାତ୍ରୀଛାତ୍ରମାନଙ୍କୁ ଏହି ଅନୁଷ୍ଠାନ ପ୍ରତି

previous || next

**Madden NFL 07**
It's Here at Circuit City Shop Now for Video Games.
www.circuitcity.com
Ads by Google - Advertise on this site

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.